ISSN 0973-3264

# ସପ୍ତର୍ଷି

ତୃତୀୟ ସଂଖ୍ୟା - ୨୦୨୦

(ଜୁଲାଇ - ସେପ୍ଟେମ୍ବର)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

ISSN 0973-3264

# ସପ୍ତର୍ଷି

ଉଚ୍ଚାଙ୍ଗ ସାହିତ୍ୟ ଚୟନିକା

ପ୍ରତିଷ୍ଠା - ଜାନୁଆରୀ, ୧୯୭୨

ତୃତୀୟ ସଂଖ୍ୟା - ୨୦୨୦
(ଜୁଲାଇ-ସେପ୍ଟେମ୍ବର)

ମୁଖ୍ୟ ସଂପାଦକ
ପ୍ରଫେସର ଦୀପକ କୁମାର ବେହେରା

ପରିଚାଳନା ସମ୍ପାଦକ
ଡକ୍ଟର ଶୁକମୁନି ମେହେର

ସଂପାଦନା ମଣ୍ଡଳୀ
ଡକ୍ଟର ନାକୁ ହାଁସଦାଃ
ଡକ୍ଟର ଆଲୋକା ପଟେଲ
ଡକ୍ଟର ବାନାର୍ଜୀ ବେହେରା
ଡକ୍ଟର ସିଦ୍ଧାର୍ଥ ପଣ୍ଡା

ମୂଲ୍ୟ - ୫୦ଟଙ୍କା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ବ୍ରିଟିଶ୍ ଶାସନ ବିରୁଦ୍ଧରେ ରବୀନ୍ଦ୍ରନାଥ ଓ ଗଙ୍ଗାଧରଙ୍କ ସ୍ୱର ଉତ୍ତୋଳନ | ପ୍ର. ମଣୀନ୍ଦ୍ର କୁମାର ମେହେର | ୧ |
| ୨. | ବୌଦ୍ଧର ଐତିହ୍ୟ ଓ ସାହିତ୍ୟର ଅନନ୍ୟ ସମ୍ଭାର | ଇଂ. ସଞ୍ଜୟ କୁମାର ପଣ୍ଡା | ୫ |
| ୩. | ଓରାମ୍ ଜନଜାତି ଗୋତ୍ର : ସଂକ୍ଷିପ୍ତ ପରିଚୟ | ସରିତା କିଣ୍ଡୋ | ୧୫ |
| ୪. | ଗଙ୍ଗାଧରଙ୍କ ପ୍ରକୃତିରେ ମାନବାୟନର ଚିତ୍ର | ଡକ୍ଟର ଅଶ୍ୱିନୀ କୁମାର ରାୟ | ୨୧ |
| ୫. | ପଥର ଦେହରେ ଫୁଟେ କବିତାର ଫୁଲ ଜନଜାତିର ଜୀବନଚର୍ଯ୍ୟା ଓ ଶାଳବଣର କବିତା | ଡ. ଦେବାଶିଷ ପାତ୍ର | ୨୪ |
| ୬. | ଚନ୍ଦ୍ର | ଡଃ ହରପ୍ରସନ୍ନ ମିଶ୍ର | ୨୯ |
| ୭. | ପଶ୍ଚିମ ଓଡ଼ିଶାର "ନୂଆଁଖାଇ" ତିହାର | ପଣ୍ଡିତ ନାମଯଜ୍ଞ ମିଶ୍ର | ୩୨ |
| ୮. | ସମ୍ବଲପୁରୀ/କୋଶଲୀ ନାଟକ : ଏକ ଅନୁଶୀଳନ | ଡକ୍ଟର ଲିଙ୍ଗରାଜ ମେହେର | ୩୬ |
| ୯. | ଅମର ସ୍ରଷ୍ଟା ବ୍ରଜରାଜ ସିଂହ ଦେଓ | ମନମୋହନ ଆଚାର୍ଯ୍ୟ | ୪୪ |
| ୧୦. | ନାରୀ ବିମର୍ଶର ଚୌହଦୀ : ଉତ୍ତର ଅଶୀ ଓଡ଼ିଆ ଓ ହିନ୍ଦୀ ଲେଖିକାଙ୍କ ଉପନ୍ୟାସଲୋକ | ଅଧ୍ୟାପିକା ଲୋପାମୁଦ୍ରା ସ୍ୱାଇଁ | ୫୧ |
| ୧୧. | ସଂଗୀତ, ନାଦବ୍ରହ୍ମ ଓ ଲୋକବାଦ୍ୟ ମାନ୍ଦଲ : ଏକ ଅନୁଚିନ୍ତା | ଡକ୍ଟର ପୁରୁଷୋତ୍ତମ ମିଶ୍ର | ୬୦ |
| ୧୨. | ନିଳାଦ୍ରୀଭୂଷଣଙ୍କ କାବ୍ୟଦୃଷ୍ଟିର ସ୍ୱାତନ୍ତ୍ର୍ୟ | ଡ. ସଂଘମିତ୍ରା ଭଂଜ | ୬୭ |
| ୧୩. | ପ୍ରଗତିଶୀଳ ଚେତନାର ରୂପକାର ଅନନ୍ତ ପଟ୍ଟନାୟକ | ଉପାସନା ପାଣିଗ୍ରାହୀ | ୭୯ |
| ୧୪. | ଶୀତଳଷଷ୍ଠୀ ପାର୍ବଣ : ଏକ ଆଧ୍ୟାତ୍ମିକ ଯଜ୍ଞ | ଡ. ଶୁକମୁନି ମେହେର | ୮୩ |
| ୧୫. | ସାରଳା ମହାଭାରତର ଲୋକକାହାଣୀ : ଏକ ଦୃଷ୍ଟିପାତ | ଡ. ନାକୁ ହାଁସ୍‌ଦାଃ | ୮୭ |
| ୧୬. | ବାଉରୀବନ୍ଧୁ କରଙ୍କ ନାନା ଆଲୋଚନା : ଏକ ଦୃଷ୍ଟିପାତ | ଶ୍ରୀ ମନୋଜ କୁମାର ମଲ୍ଲିକ | ୯୦ |
| ୧୭. | ମୟୂରଭଞ୍ଜର ଆଦିବାସୀ ସଂସ୍କୃତି | ଡକ୍ଟର ଦମୟନ୍ତୀ ବେଶ୍ରା | ୯୪ |
| ୧୮. | କବିତା ଓ ନିଃସଙ୍ଗତା: କାର୍ତ୍ତିକ ଚନ୍ଦ୍ର ରଥଙ୍କ 'ସ୍ମୃତି, ସାନ୍ତ୍ୱନା ଓ ଶୂନ୍ୟତା' | ଜ୍ଞାନୀ ଦେବାଶିଷ ମିଶ | ୧୦୨ |

# ସାରଳା ମହାଭାରତର ଲୋକକାହାଣୀ : ଏକ ଦୃଷ୍ଟିପାତ

ଡ. ନାକୁ ହାଁସଦା୫

ଓଡ଼ିଆ ଭାଷାର ମହାଭାରତ କହିଲେ ସାରଳାଦାସକୃତ ମହାଭାରତ, ସାରଳା ମହାଭାରତକୁ ବୁଝାଇଥାଏ । ଏହା ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଅନୁକରଣରେ ରଚନା କରାଯାଇଥିଲେ ହେଁ ଏହାର ସ୍ୱାତନ୍ତ୍ର୍ୟତା ରହିଛି, ଏହା ସର୍ବସମ୍ମତି କ୍ରମେ ସ୍ୱୀକୃତ । ସାରଳା ମହାଭାରତ ବିଭିନ୍ନ ଦୃଷ୍ଟିରୁ ନିଜର ସ୍ୱାତନ୍ତ୍ର୍ୟତା ରଖିଥିଲେ ମଧ୍ୟ ଲୋକ ସଂସ୍କୃତିର ପ୍ରଭାବ ହିଁ ଏହାର ସବୁଠାରୁ ବଡ଼ ବିଶେଷତ୍ୱ । ଏହି ଲୋକସଂସ୍କୃତି ମଧ୍ୟରେ ଲୋକକାହାଣୀ ଏକ ବଳିଷ୍ଠ ଅଂଶବିଶେଷ । ସାରଳା ମହାଭାରତରେ ସ୍ଥାନଲାଭ କରିଥିବା ବହୁସଂଖ୍ୟକ ଲୋକକାହାଣୀ ମଧ୍ୟରୁ ମାତ୍ର କେତେଗୋଟି କାହାଣୀକୁ ଆଲୋଚନାର ପରିସରଭୁକ୍ତ କରାଯାଇ ତାହା ଓଡ଼ିଶାର ଆଦିବାସୀ ସମାଜରେ କିପରି ବିଦ୍ୟମାନ ଏବଂ ସେମାନଙ୍କ ଜୀବନଧାରା ତଥା ସଂସ୍କୃତିରେ କିଭଳି ପ୍ରତିଫଳିତ ତାହାକୁ ପ୍ରତିପାଦନ କରାଯିବା ଏହି ପ୍ରବନ୍ଧର ଲକ୍ଷ୍ୟ । ଅବଶ୍ୟ ଏହା ଏକ ବିସ୍ତୃତ ବିଷୟ, ଏହାକୁ ଏକ ପ୍ରବନ୍ଧର ସୀମୀତ କଳେବର ମଧ୍ୟରେ ଆଲୋଚନା କରିବା ଅସମ୍ଭବ । ତଥାପି ଏହି ଦିଗରେ କିଛିଟା ଆଲୋଚନା କରାଯିବା ସକାଶେ ପ୍ରୟାସ ମାତ୍ର କରାଯାଇଅଛି ।

**ସାହାଡ଼ା ଗଛର ମାହାତ୍ମ୍ୟ (ଆଦିପର୍ବ)**

ସବୁଦିନ ପରି ସେ ଦିନ ମଧ୍ୟ ଶିବ ବୃଷଭ ନନ୍ଦୀଙ୍କ ପିଠିରେ ବସି ବୁଲି ବାହାରିଥିଲେ । କିଛି ବାଟ ଯିବା ଅନ୍ତେ ଶିବଙ୍କର ଦୃଷ୍ଟି ପଡେ ବୃଷଭ କର୍ଣ୍ଣରେ ଧାରଣ କରିଥିବା ସାହାଡ଼ା ପତ୍ର ଉପରେ । ସେ ସ୍ମିତହାସ୍ୟ ପ୍ରକାଶ ପୂର୍ବକ ନନ୍ଦୀଙ୍କୁ ପଚାରିଲେ - ଆରେ ! ନନ୍ଦୀ ଏ କ'ଣ ତୁମେ କର୍ଣ୍ଣରେ ସାହାଡ଼ାପତ୍ର କାହିଁକି ଧାରଣ କରିଛ । ଯଦି ଧାରଣ କରିବାର ଥିଲା ତୁମେ ପୁଷ୍ପ ଧାରଣ କରିପାରିଥାନ୍ତ, କିନ୍ତୁ ଏ ପତ୍ର ! ନନ୍ଦୀ ମହାରାଜ ଉତ୍ତର ଛଳରେ କହିଛନ୍ତି, ପ୍ରଭୁ ଆପଣ କ'ଣ ଜାଣିନାହାନ୍ତି କର୍ଣ୍ଣରେ ସାହାଡ଼ାପତ୍ର ଧାରଣ କଲେ ଅମୃତତୂଲ୍ୟ ଖାଦ୍ୟ ମିଳିଥାଏ ବୋଲି ? ଶିବ ଏହିକଥା ଶୁଣିବା ପରେ ମନେମନେ ସ୍ଥିର କଲେ ଏହିକଥାର ସତ୍ୟାସତ୍ୟ ଜାଣିବା ପାଇଁ । ତେଣୁ ସେଦିନ ଫେରିଯିବାର ବେଳ ହୋଇଯାଇଥିଲେ ମଧ୍ୟ ଫେରିବା କଥା ନକହି ଆହୁରି ବହୁଦୂରକୁ ଯାତ୍ରା କରିଛନ୍ତି । ଅପର ପକ୍ଷର ସ୍ୱାମୀଙ୍କ ପ୍ରତ୍ୟାବର୍ତ୍ତନର ପଥ ଅନାଇ ଅନାଇ ପାର୍ବତୀ ଠାକୁରାଣୀ ଅଥୟ ହୋଇଗଲେଣି । ଖାଇବାର ବେଳ ଗଡିଯାଇଥିବା ହେତୁ ଉଦର ଜ୍ୱାଳାକୁ ଆଉ ସହ୍ୟ କରିପାରୁ ନାହାନ୍ତି । ଆଜି ପର୍ଯ୍ୟନ୍ତ ସ୍ୱାମୀଙ୍କ ପୂର୍ବରୁ କେବେହେଲେ ମଧ୍ୟ ଖାଦ୍ୟ ଗ୍ରହଣ କରିନାହାନ୍ତି । କିନ୍ତୁ ଆଜି ଭୋକ ଅସମ୍ଭାଳ ହେଉଥିବା ହେତୁ ଶିବଙ୍କ ଆଦିବା ପୂର୍ବରୁ କିଛିଖାଦ୍ୟ ନିଜେ ବାଢ଼ି ଖାଇବାକୁ ଆରମ୍ଭ କରିଛନ୍ତି । ଅଧାଖାଦ୍ୟ ଖାଇଲା ବେଳକୁ ଦୂରରୁ ଡମ୍ବରୁର ଡିବିଡିବି ଶବ୍ଦ ଶୁଣିବାକୁ ପାଇଛନ୍ତି ଏବଂ ବ୍ୟତିବ୍ୟସ୍ତ ହୋଇ ଖାଦ୍ୟତକ ନନ୍ଦୀଙ୍କ କୁଣ୍ଡରେ ଅଜାଡି ଦେଇଛନ୍ତି । ଶିବ ପହଞ୍ଚିବା ପରେ ସେବକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନନ୍ଦୀଙ୍କୁ ତାହା ସ୍ଥାନରେ ବାନ୍ଧିଦେବା ପାଇଁ ଏବଂ ଖାଦ୍ୟପାନୀୟ ନଦେବା ପାଇଁ । ହେଲେ ନନ୍ଦୀ ତାହାଙ୍କ କୁଣ୍ଡରେ ଠାକୁରାଣୀ ଅଜାଡି ଦେଇଥିବା ଖାଦ୍ୟତକ ଖାଇ ଆରାମରେ ଶୋଇଲେ ।

ଏହି ଲୋକକାହାଣୀ ମଧ୍ୟରେ ଏକ ଲୋକବିଶ୍ୱାସ ଲୁକ୍କାୟିତ ହୋଇରହିଅଛି । ତାହା ହେଉଛି ସାହାଡ଼ାପତ୍ର ପରି ପତ୍ରକୁ ନାଇଲେ ତାହା ମଙ୍ଗଳକାରକ ହୋଇଥାଏ । ଏହାର ଉତ୍ପତ୍ତିସ୍ଥଳ ଆଦିବାସୀ ଲୋକସମାଜ ମଧ୍ୟରେ ଅନ୍ୱେଷଣ କରାଯାଇପାରେ । କାରଣ ପତ୍ରକୁ କର୍ଣ୍ଣରେ ଧାରଣ କରିବା ବା ନାଇବା ପରମ୍ପରା ଆଜି ମଧ୍ୟ ଏହି ସମାଜରେ ଦେଖାଯାଇଥାଏ । ଏହାର ଉଦାହରଣ ସ୍ୱରୂପ ମୟୂରଭଞ୍ଜ, କେନ୍ଦୁଝର ପରି କେତେକ ଅଞ୍ଚଳରେ ଗ୍ରୀଷ୍ମଋତୁରେ ଯେଉଁମାନେ କାମକରିବା ପାଇଁ ବାହାରକୁ ଯାଇଥାନ୍ତି ଅବା ହାଟବାଟ, ଯାନିଯାତ୍ରାକୁ ଯାଉଥାନ୍ତି, ସେମାନେ କର୍ଣ୍ଣରେ

ବେଗୁନିଆ ଗଛର ଅଗକୁ ଧାରଣ କରିଥାନ୍ତି । ସେହିପରି ମହିଳାମାନେ ଏହାକୁ ଗଭାରେ ଧାରଣ କରିବା ଦେଖାଯାଇଥାଏ । ବିଶ୍ୱାସ କରାଯାଇଥାଏ ଏହି ପ୍ରକାରେ ବେଗୁନିଆ ଅଗକୁ ଧାରଣ କରିଥିଲେ ଅଂଶୁଘାତ ହୁଏନାହିଁ । ଅର୍ଥାତ୍ ଏହା ହେଉଛି ମଣିଷଙ୍କ ପାଇଁ ମଙ୍ଗଳ କାରକ ।

କେବଳ ଏତିକି ନୁହେଁ ପତ୍ରକୁ ନେଇ ବିଭିନ୍ନ ଲୋକକାହାଣୀ ଆଦିବାସୀ ସମାଜରେ କେଉଁ ଆବହମାନକାଳରୁ ରହିଆସିଅଛି । ଏପରି ଏକ କାହାଣୀ ହେଉଛି - ଏକ ଗାଁରେ ଏକ ଆମ୍ବଗଛ ମୂଳରେ ଛୋଟ ଛୋଟ ପିଲାମାନେ ଖେଳ ଖେଳୁଥାନ୍ତି । ସେ ଦିନର ଖେଳରେ ସେମାନେ ତାଙ୍କ ଗ୍ରାମର ଠାକୁରାଣୀ ପୂଜାର ଖେଳ ଖେଳୁଛନ୍ତି । ଅର୍ଥାତ ଗ୍ରାମର ନାୟକେ (ପୂଜକ) ସମସ୍ତ ପୂଜା ସାମଗ୍ରୀ ସହିତ ଗ୍ରାମବାସୀଙ୍କ ଗହଣରେ ଠାକୁରାଣୀ ପୂଜା ସକାଶେ ବାହାରିଥାନ୍ତି । ପୂଜାସ୍ଥଳୀକୁ ପହଞ୍ଚିବା ପରେ ଧୂଳିରେ ଏକ ଯନ୍ତ୍ର ପ୍ରସ୍ତୁତ କରାଯାଇଛି । ଏହା ଠିକ୍ ବାସ୍ତବପୂଜା ଅବସରରେ ପ୍ରକୃତ ନାୟକେ ଚାଉଳ ଚୂନାରେ ଯେପରି ଯନ୍ତ୍ର କାଟନ୍ତି ସେପରି କରାଯାଇଅଛି । ପିଲାମାନଙ୍କ ମଧ୍ୟରୁ ଜଣକୁ ବଳିବୋଦା କରାଗଲା । ସେ କଟାଯାଇଥିବା ଯନ୍ତ୍ରକୁ ଶୁଙ୍ଘିଛି ଏବଂ ଏହା ଠିକ୍ ଅଛି ବୋଲି ମନ୍ତବ୍ୟ ଦେଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ତାହାକୁ ବଳି ଦିଆଯିବାର ଅଭିନୟ କରିବାକୁ ଯାଇ ଜଣେ ପିଲା ଆମ୍ବପତ୍ର ତିଆରି ଏକ ଫାର୍ସାରେ ହାଣିବାର ଅଭିନୟ କଲାବେଳକୁ ସତକୁ ସତ ବୋଦା ସାଜିଥିବା ପିଲାଟିର ଗଣ୍ଡି ମୁଣ୍ଡ ଅଲଗା ହୋଇଯାଇଛି ।

ସେହିପରି 'କରମା ଗସେଇଁ' କାହାଣୀରେ ମଧ୍ୟ କରମ୍ ଗଛର ପତ୍ରରେ ମାଦଳ ପ୍ରସ୍ତୁତ କରାଯାଇଥିବା କଥା କୁହାଯାଇଅଛି ।

**ଭଷେଶ୍ୱର ରାଜା ଉପାଖ୍ୟାନ (ଉଦ୍‌ଯୋଗ ପର୍ବ)**

ଦକ୍ଷିଣ ସୋମରାଷ୍ଟ୍ରରେ କୁରାଳ ନାମକ ଏକ ଦେଶ ରହିଛି । ସେଠାରେ ଏକ ନଗ୍ରର ନାମ ହେଉଛି ବାବାରପୁରୀ ଓ ତାହାର ରାଜା ହେଉଛନ୍ତି ଭଷେଶ୍ୱର, ମନ୍ତ୍ରୀଙ୍କ ନାମ ବାଇତୁଣ୍ଡ । ସେ ରାଜ୍ୟର ଇଷ୍ଟଦେବତା ହେଉଛନ୍ତି ଅଣ୍ଡିଆ କ୍ଷେତ୍ରପାଳ । ସେ ଠାକୁର ଉଲଗ୍ନ ଓ କେଶମୁକୁଳା ଅଟେ । ରାଜାର ପୁରୋହିତ ଉଲଗ୍ନ ହୋଇ, ଠାକୁରଙ୍କ ପାଖରେ ମୌନହୋଇ ବସିଥାଏ । ମିଛରେ ସେ ଗୋଟିଏ ସ୍ଫଟିକର ମାଳାଧରି ଜପ କରୁଥାଏ । ସେ ରାଜା ଆଗରେ ଖଡମିଛ ପ୍ରତ୍ୟହ କହେ ।

ସାରଳା ମହାଭାରତରେ ଏହି ଧରଣର ଯେଉଁ ବର୍ଣ୍ଣନାଟି ପ୍ରଦାନ କରାଯାଇଅଛି ତାହା ଆଦିବାସୀ ସମାଜରୁ ଆସିଅଛି । କାରଣ ଆଜି ପର୍ଯ୍ୟନ୍ତ ମଧ୍ୟ ମୟୂରଭଞ୍ଜର କେତେକ ଗ୍ରାମରେ ଦିପାବଳୀ ଅବସରରେ ଯେଉଁ 'ସାରି ସହରାୟ' ପର୍ବଟି ପାଳନ କରାଯାଇଥାଏ ଅନେକାଂଶରେ ଏହା ତାହା ସହିତ ସାମଞ୍ଜସ୍ୟ ରକ୍ଷା କରୁଅଛି । ଏହି ପର୍ବ ପାଳନ ଅବସରରେ ଦୁଇଜଣ କିଶୋରଙ୍କୁ ଦେବତା ଏବଂ ଦେବୀ ରୂପରେ ସଜାଇ ଦିଆଯାଇଥାଏ । ଏତେବେଳକୁ ଦୁହିଁଙ୍କୁ ଉଲଗ୍ନ କରାଯାଇଥାଏ । ଉଲଗ୍ନ କରାଯିବା ପରେ ଜଣକ ପାଖରେ ପୁଆଳରେ ପ୍ରସ୍ତୁତ କରାଯାଇଥିବା ଲିଙ୍ଗକୁ ବନ୍ଧାଯାଇଥାଏ, ତେଣୁ ସେ ହୋଇଯାଆନ୍ତି ଦେବତା । ସେହିପରି ଅନ୍ୟ ଜଣଙ୍କ ପାଖରେ ଯୋନୀକୁ ବନ୍ଧାଯାଇଥାଏ । ତେଣୁ ସେ ହୋଇଯାଆନ୍ତି ଦେବୀ । ଏହି ଦ୍ୱୟଙ୍କୁ ଗ୍ରାମର ପୁରୋହିତ ଏବଂ ସମସ୍ତ ଗ୍ରାମବାସୀଙ୍କ ଗହଣରେ ବାଦ୍ୟ ବଜାଇ ଗ୍ରାମ ପରିକ୍ରମା କରାଯାଇଥାଏ । ଏହି ଶୋଭାଯାତ୍ରାରେ କେବଳ ପୁରୁଷ ଲୋକମାନେ ହିଁ ଅଂଶଗ୍ରହଣ କରିଥାନ୍ତି, ନାରୀମାନେ ଏଥିରେ ଅଂଶଗ୍ରହଣ କରନ୍ତି ନାହିଁ । ପୁନଶ୍ଚ ଦେବଦମ୍ପତିଙ୍କ ଏହି ଯାତ୍ରା ଅବସରରେ ଗ୍ରାମରେ ତାଟିକବାଟ ପଡିଯାଇଥାଏ । କୌଣସି ଲୋକବାକ ଚଳପ୍ରଚଳ କରିନଥାନ୍ତି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଯାତ୍ରାଟି ଦିନବେଳେ ହୁଏ, କିନ୍ତୁ ଶୋଭାଯାତ୍ରା ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ମୁଖ୍ୟତଃ ନାରୀମାନଙ୍କୁ ସତର୍କ କରାଯାଇଥାଏ ଜଣେ ଡାକୁଆଙ୍କ ମାଧ୍ୟମରେ । ଯିଏ ଡାକ ପକାଇ ସତର୍କ କରାଇଦିଅନ୍ତି- ଦେବତାଙ୍କ ଶୋଭାଯାତ୍ରା ଆସୁଅଛି, ସମସ୍ତେ ଘର ଭିତରେ ରୁହନ୍ତୁ, କେହି ବାହାରକୁ ବାହାରିବେ ନାହିଁ, ଶୋଭାଯାତ୍ରା ଅତିକ୍ରମ ନକରିବା ଯାଏ । ଯେଉଁମାନଙ୍କର କିଛି ଅଭିଳାଷ ଥାଏ, ସାଧାରଣତଃ ଯେଉଁମାନଙ୍କର ସନ୍ତାନସନ୍ତତି ହେଉ ନଥାନ୍ତି କିମ୍ବା ଦୀର୍ଘଦିନ ଧରି ରୋଗବ୍ୟାଧିର ଆକ୍ରାନ୍ତ ଥାନ୍ତି, ସେମାନେ ଆରୋଗ୍ୟ କାମନା କରି ଗାଆଁ ଦାଣ୍ଡରେ ତଳମୁହାଁ ହୋଇ ଅଧିଆ ପଡିଥାନ୍ତି । ଏଥିରେ ନାରୀମାନେ ମଧ୍ୟ

ଅଧିଆ ପଡିବା ଦେଖାଯାଇଥାଏ । ଦେବଦେବୀ ଦ୍ୱୟ ଏହି ଅଧିଆ ପଡିଥିବା ଲୋକମାନଙ୍କ ଉପରେ ଦେଇ ଯାତ୍ରା କରିଥାନ୍ତି । ବିଶ୍ୱାସ ରହିଛି ସେମାନଙ୍କ ପାଦ ପଡିବା ଦ୍ୱାରା ଭକ୍ତଙ୍କର ଅଭିଷ୍ଟ ପୂରଣ ହୋଇଥାଏ ।

ଏହି ଯାତ୍ରା ସବୁ ଗ୍ରାମରେ ହୁଏ ନାହିଁ । ପୁନଶ୍ଚ ଯେଉଁସବୁ ଗ୍ରାମରେ ହୁଏ ତାହା ସବୁବର୍ଷ କରାଯାଇ ନଥାଏ । କେତେକ ଗ୍ରାମରେ ପାଞ୍ଚବର୍ଷ ବ୍ୟବଧାନରେ କରାଯାଉଥିବା ସ୍ଥଳେ ଅନ୍ୟ କେତେକ ଗ୍ରାମରେ ସାତବର୍ଷ ବ୍ୟବଧାନରେ କରାଯାଇଥାଏ । ତେଣୁ ଏତେବେଳକୁ ବହୁସଂଖ୍ୟକ ବନ୍ଧୁବାନ୍ଧବଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥାଏ । ଯାତ୍ରା ଅବସରରେ ପାରମ୍ପରିକ ବାଦ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥାଏ ।

**ଚନ୍ଦନ ବନର ସର୍ପ ଉପାଖ୍ୟାନ (ବନ ପର୍ବ) :**

ପିତୃଶ୍ରାଦ୍ଧରେ ଗଣ୍ଡାମାଂସ ନିମିତ୍ତ ଭୀମ ଚନ୍ଦନ ବନରେ ବୁଲୁଥିବା ବେଳେ ସେ ଦୁଇ ପର୍ବତର ମଧ୍ୟରେ ସାପଟିଏ ପଡିଥିବାର ଦେଖିଲେ । ସେ ସାପର ଲମ୍ବ ଚାରିକୋଶ । ତାକୁ ତାହାର ଲାଙ୍ଗୁଡ ଘୁଞ୍ଚାଇବାକୁ ତିନିମାସ ଲାଗିଥାଏ । ତା' ସମ୍ମୁଖରେ ଯାହା ପଡେ ତାହା ସେ ଖାଇଥାଏ । ଭୀମ ହାବୁଡରେ ପଡନ୍ତେ ସାପ ଲାଙ୍ଗୁଡ ଦ୍ୱାରା ଭୀମଙ୍କୁ ଗୁଡାଇ ଗର୍ଭସ୍ଥ କରିବାକୁ ପ୍ରୟାସ କରେ । ସେ ଶତସିଂହ ପର୍ବତର ନାମ ସ୍ମରଣ କରନ୍ତେ ତାହାଙ୍କର ଅଶେଷ ବଳ ଆସିଛି । ପରବର୍ତ୍ତୀ ପର୍ଯ୍ୟାୟରେ କବୁ କଣ୍ଠରେ 'ଯୁଧିଷ୍ଠିର' ନାମ ଉଚ୍ଚାରଣ କରିଥିବା ହେତୁ ସାପ ତାହାର ଗିଳିବା ବନ୍ଦ କରିଦେଲା ।

ଏହିପରି ଭୟଙ୍କର ସାପର କଥା ସାନ୍ତାଳୀ ଲୋକକଥା 'କାମରୁ ଗୁରୁ'ରେ ମଧ୍ୟ ବର୍ଣ୍ଣନା କରାଯାଇଅଛି । ଗୁଣି ତଥା ଗାରେଡି ବିଦ୍ୟାର ପ୍ରବର୍ତ୍ତକ କାମରୁ ତାଙ୍କର ଶିଷ୍ୟମାନଙ୍କୁ କହିଛନ୍ତି ସତ୍ୟସର୍ପ କେବଳ ଗୋଟିଏ ଜାଗାରେ ଅଛି ତାହା ହେଉଛି ଶ୍ମଶାନ ଘାଟ । ଏହି ଗୋଟିକୁ ଛାଡିଦେଲେ ଲୋକମାନେ ଯେଉଁ ସବୁକୁ ସାପ ବୋଲି ବୁଝନ୍ତି ସେମାନେ ସାପ ନୁହଁନ୍ତି । ସେ ସବୁ ହେଉଛନ୍ତି ଏକ ପ୍ରକାର ମାଛ । ତାହାକୁ କାମରୁ ପୋଡି ଖାଇଥାନ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ନିଜ ଶିଷ୍ୟମାନଙ୍କ ଅନୁରୋଧ କ୍ରମେ ସତ୍ୟ ସର୍ପକୁ ଦେଖାଇ ଦେଇଛନ୍ତି । ଯେଉଁ ସର୍ପ ଦେଖାଦେବା ସକାଶେ ସେ ମନ୍ତ୍ର ଉଚ୍ଚାରଣ କରିଛନ୍ତି, ଡମରୁ ବଜାଇଛନ୍ତି । ଯାହାର ଆର୍ବିଭାବରେ ଜାଅଁଳା କଦଳୀ ଗଛ ପୋଡି ଯାଇଥିଲା । ଜଙ୍ଘ ମାଟିହାଣ୍ଡି ଓ ପଲମ ପୋଡି ନାଲି ରଙ୍ଗ ଧାରଣ କରିଥିଲା । ଯାହାକୁ ଶିଷ୍ୟଗଣ ସ୍ୱଚକ୍ଷୁରେ ଦେଖିବା ପରେ କାମ୍ରୁ ଙ୍କ ଅନୁରୋଧ କ୍ରମେ ସାପଟି ନିଜ ଗର୍ତ୍ତମଧ୍ୟକୁ ପୁନର୍ବାର ପ୍ରବେଶ କରିଥିଲେ ।

*ସହକାରୀ ପ୍ରଫେସର*
*ସମ୍ବଲପୁର ବିଶ୍ୱବିଦ୍ୟାଳୟ*
*ଜ୍ୟୋତି ବିହାର - ୭୬୮୦୧୯*